## ୨୭ ଖଣ୍ଡ ଶାଳକାଠ ଜବତ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବନବିଭାଗ ଓ ସ୍ଥାନୀୟ ପୋଲିସ୍ ମିଳିତ ଭାବେ ଚଢ଼ାଉ କରି ୨୭ ଖଣ୍ଡ ଶାଳକାଠ ସହିତ ଡାଲା ଅଟୋ (ନଂ ଓଡି଼୦୨ବି୬୪୭୯)କୁ ଜବତ କରିଛନ୍ତି। ବୁଧବାର ରାତିରେ ବ୍ରହ୍ମପୁରକୁ ଶାଗୁଆନ୍ କାଠ ଚାଲାଣ ହେଉଥିବା ଖବର ପାଇ ବେଲଗୁଣ୍ଠା ସେକ୍ସନ୍ ବନପାଳ ଜି.ଭେଙ୍କଟ ରାଓ ଦୋରା ଏବଂ ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା। ଅଟୋ ଚାଳକ ଖସି ଯାଇଥିବା ବେଳେ ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ବନପାଳ ଦୋରା ପ୍ରକାଶ କରିଛନ୍ତି। ଏହି ଚଢ଼ାଉରେ ରେଞ୍ଜ ଅଫିସର୍ ସୁଜାତା ରାଣୀ ପଣ୍ଡା, ବନରକ୍ଷୀ ସାମାଞ୍ଚଳ ମିଶ୍ର, ଶ୍ରୀମନ୍ ପ୍ରଧାନ, ପ୍ରିୟଙ୍କା ପାଳ, ଫରେଷ୍ଟ ସ୍କ୍ୱାଡ୍ ଏବଂ ବେଲଗୁଣ୍ଠା ପୋଲିସ୍ ବାହିନୀ ସାମିଲ୍ ଥିଲେ।

# ୧୬ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

## ଧାନ କିଣା ପାଇଁ ଗଞ୍ଜାମ ପ୍ରଶାସନର ପ୍ରସ୍ତୁତି

ଛତ୍ରପୁର,୭।୧୧ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଖରିଫ ଋତୁ ୨୦୨୪-୨୫ରେ ଧାନ କିଣା ପ୍ରକ୍ରିୟା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । ଏନେଇ ଛତ୍ରପୁରସ୍ଥିତ ଜିଲାପାଳ ଓସ୍ୱାନ ହଲରେ ଭିସି ମାଧ୍ୟମରେ ଏକ ସମୀକ୍ଷା ବୈଠକ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ରହିବ। ଚାଷୀଙ୍କଠାରୁ ଧାନ କିଣା ବେଳେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେଥିପ୍ରତି ଧାନ ଦେବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ତେବେ ମଣ୍ଡିକୁ ଚାଷୀଙ୍କୁ ଏଫଏକ୍ୟୁମାନର ଧାନ ଆଣିବାକୁ ପଡିବ। ଏନେଇ ସେମାନଙ୍କୁ ସଚେତନ କରିବାକୁ ଯୋଗାଣ ବିଭାଗକୁ କୁହାଯାଇଛି। ତେବେ ଆସନ୍ତା ୧୬ ତାରିଖରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିବ। ଜିଲାରେ ୧୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ, ୩୬୫ ସମବାୟ ସମିତି ଓ ଗୋଟିଏ ପାଣି ପଞ୍ଚାୟତରେ ଏପରି ମୋଟ ୪୮୩ଟି ମଣ୍ଡି ରହିଛି । ଧାନ କିଣା ପୂର୍ବରୁ ସବୁ ମଣ୍ଡିରେ ଯେପରି ଆନୁସାଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମି ଠିକ ଥିବ ଦେଖିବାକୁ ଜିଲାପାଳ ବୈଠକରେ ଗୁରୁତ୍ୱ ଦେଇଥିଲେ। ଧାନକିଣା ବେଳେ ପ୍ରତି ମଣ୍ଡିରେ ଜଣେ ଲେଖାଏ ମଣ୍ଡିନୋଡାଲ ଅଫିସର ରହିବେ। ପ୍ରତି ୪ରୁ ୫ଟି ମଣ୍ଡିରେ ଜଣେ ଲେଖାଏ ସୁପରଭାଇଜର ରହିବେ। ପ୍ରତି ବ୍ଲକରେ ତହସିଲଦାରମାନେ ବ୍ଲକସ୍ତରୀୟ ନୋଡାଲ ଅଫିସର ରହିବେ। ସେ ତଦାରଖ କରିବା ସହ ଯେପରି ସୁରୁଖୁରୁରେ ଧାନ କିଣା ହେବ ଦେଖିବେ। ମଣ୍ଡି ନୋଡାଲ ଅଫିସର ଓ ସୁପରଭାଇଜରଙ୍କୁ ଧାନ କିଣା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଧାନ କିଣିବାକୁ ୩୬୩ ମିଲର ଆବେଦନ ପତ୍ର ନେଇଛନ୍ତି। ଆସନ୍ତା ୧୬ରେ ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିବ ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା କହିଛନ୍ତି। ଧାନ କିଣା ବେଳେ ଜିଲା ମୁଖ୍ୟ ଯୋଗାଣ କାର୍ଯ୍ୟାଳୟରେ ଗୋଟିଏ କଂଟ୍ରୋଲ ରୁମ୍ ଖୋଲାଯିବ। ଗଞ୍ଜାମ ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ ପୃଷ୍ଟି, ଜିଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ଯୋଗମୟା ସାବତ, ଡିପିସି ଜୟକୃଷ୍ଣ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ୨୦୨୩-୨୪ରେ ୧ ଲକ୍ଷ ୪୬ ହଜାର ୫୪୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧ଲକ୍ଷ ୩୯ହଜାର ୩୮୦ ଜଣ ଚାଷୀ ଧାନ ବିକ୍ରି କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ୧ଲକ୍ଷ ୨୦ ହଜାର ୮୧୮ ଜଣ ଚାଷୀଙ୍କଠାରୁ ୪୪ ଲକ୍ଷ ୪୮ ହଜାର୬୨୪.୬୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।

# ୧୪ରୁ ୧୬ ପୁଣି ହାତୀ ଗଣନା

ଭଞ୍ଜନଗର,୭।୧୧ (ବାବୁଲା ପ୍ରଧାନ)


ବନ କର୍ମଚାରୀମାନଙ୍କୁ ତାଲିମ ଦିଆଯାଉଛି।

ରାଜ୍ୟ ସରକାର ପ୍ରଥମ ଥର ପାଇଁ ବର୍ଷକୁ ଦୁଇଥର ହାତୀ, ବାଘ ଓ ଅନ୍ୟ ବନ୍ୟପ୍ରାଣୀ ଗଣନା କରିବାକୁ ଯାଉଛନ୍ତି। ଆସନ୍ତା ୧୪ ତାରିଖରୁ ୧୬ ପର୍ଯ୍ୟନ୍ତ ରାଜ୍ୟର ୫୧ଟି ବନଖଣ୍ଡରେ ହାତୀ ଗଣନା ହେବ। ଗୁରୁବାର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଲାଲସିଂ ନର୍ସରୀ ପରିସରରେ ଏଥିପାଇଁ ଏକ ତାଲିମ ଶିବିର ହୋଇଛି। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରି ହାତୀ ଗଣନା କିଭଳି ହେବ ସେ ସମ୍ପର୍କରେ ତାଲିମ ଦେଇଥିଲେ। ବନଖଣ୍ଡରେ ୭୫ଟି ୟୁନିଟ ହୋଇଥିବା ଜଣାପଡିଛି। ଏସିଏଫ ବିବେକ ଦାସ, ରେଞ୍ଜର ବିଦ୍ୟାଧର ସାହୁ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡରେ ମଧ୍ୟ ହାତୀ ଗଣନା ପାଇଁ ପ୍ରସ୍ତୁତି ଚାଲିଛି। ଡିଏଫଓ ବିନୋଦ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଚାଲିଛି। ଏଥିପାଇଁ ଏକାଧିକ ୟୁନିଟ ଗଠନ ହୋଇଛି। ହାତୀ ଗଣନା ବେଳେ ବନ ସୁରକ୍ଷା ସମିତି କର୍ମକର୍ତ୍ତା କର୍ମଚାରୀଙ୍କୁ ସହଯୋଗ କରିବେ।ସୂଚନାଯୋଗ୍ୟ, କେନ୍ଦ୍ର ସରକାର ପ୍ରତି ଦୁଇ ବର୍ଷରେ ଥରେ ହାତୀ ଗଣନା କରନ୍ତି। କୋଭିଡ୍ ପରଠୁ କେନ୍ଦ୍ର ସରକାର ଆଉ ହାତୀ ଗଣନା କରିନାହାଁନ୍ତି। ତେବେ ଗତ ମାର୍ଚ୍ଚରେ ରାଜ୍ୟରେ ହାତୀ ଗଣନା ହୋଇଥିଲା। ବର୍ତ୍ତମାନ ପୁଣି ହାତୀ ଗଣନା ପାଇଁ ପଦକ୍ଷେପ ନିଆଯାଇଛି। ବର୍ଷକୁ ଦୁଇଥର ହାତୀ ଗଣନା ହେଲେ ସେମାନଙ୍କ ବଂଶ ବୃଦ୍ଧି, ପ୍ରକୃତ ସଂଖ୍ୟା ନିରୂପଣ ଏବଂ ଗତିବିଧି ସମ୍ପର୍କରେ ଜାଣିହେବ। ସେହିଭଳି ରାଜ୍ୟରେ ପୁଣି ବାଘ ଗଣନା ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି । ମାସେ ବ୍ୟାପୀ ବାଘ ଗଣନା ପ୍ରକ୍ରିୟା ଚାଲିବ। ଏହାକୁ ସମ୍ପୂର୍ଣ୍ଣ ଗୋପନୀୟ ଭାବେ କରାଯାଉଛି ।

# ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

ପାରଳାଖେମୁଣ୍ଡି,୭।୧୧ (ଗିରିଧାରୀ ପରିଛା)




ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗଜପତି ଜିଲା ଗ୍ରସ୍ତ କରି ଗୁରୁବାର ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବୁଲି ଦେଖିବା ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ପ୍ରମୁଖ ଶାସନ ସଚିବ ଶର୍ମା ସମୀକ୍ଷା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ,ରାସ୍ତା, ଶିଶୁ ବିକଶ ଯୋଜନା, ସୁଭଦ୍ରା ଯୋଜନା, ପାନୀୟ ଜଳ, ସ୍ୱଚ୍ଛ ଭାରତ ମିଶନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଦ୍ୟୁତ୍‌କରଣ, ନଦୀ ବନ୍ଧ ଯୋଜନା ଉପରେ ସେ ସମୀକ୍ଷା କରିଥିବା ଜଣାପଡିଛି। ଏହି ଅବସରରେ ଶର୍ମା ବ୍ଲକର ଦକ୍ଷତାବିକାଶ କେନ୍ଦ୍ର, ବିୟୁଟି ପାର୍ଲର, ସିଲେଇ କେନ୍ଦ୍ର, ଖୁଚୁରା ଦୋକାନ ପରିଦର୍ଶନ କରି ସୁଭଦ୍ରା ଯୋଜନାର ହିତାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଭେଟିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିଏମ ଜନମନ ଗୃହ ଓ ମଡେଲ ଅଙ୍ଗଓ୍ବାଡ଼ି କେନ୍ଦ୍ର ପରିଦର୍ଶନ କରି ଆଲୋଚନା କରିଥିଲେ।

ସେହିପରି ଆର.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ଡୁମ୍ବାସ୍ଥିତ ଗ୍ରାମୀଣ ପାର୍କ, ମିଶନ ଶକ୍ତି କାଫେ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରମୁଖ ଶାସନ ସଚିବ ଶର୍ମା ପରିଦର୍ଶନ କରିଥିଲେ। ରାୟଗଡ ବ୍ଲକ ଅନ୍ତର୍ଗତ ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମ ସ୍କୁଲ ଓ ଉକ୍ତ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ସେ କଥା ହୋଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷା ବ୍ଲକ ତଥା ଆର.ଉଦୟଗିରି ଓ ଗୁମ୍ମା ବ୍ଲକର କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ ଯୋଜନା ଉପରେ ମଧ ଶର୍ମା ସମୀକ୍ଷା କରିଥିଲେ।

# ଡାକ୍ତରଙ୍କ ବଦଳିକୁ ବିରୋଧ କଲେ ଅଡବାବାସୀ

## ଧାରଣା ଦେଲେ,ସରପଞ୍ଚଙ୍କୁ ଘେରିଲେ

ମୋହନା, ୭।୧୧ (ମନ୍ମଥ ମିଶ୍ର)

ଗଜପତି ଜିଲା ଅଡବା ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଲୋକଙ୍କୁ ସାସ୍ଥ୍ୟ ସେବା ମିଳିବା କଷ୍ଟ। ଏପରି କ୍ଷେତ୍ରରେ ଅଡବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରଙ୍କ ବଦଳି ହେବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଅଞ୍ଚଳବାସୀ। ସେମାନେ ଏହି ବଦଳିରେ ସରପଞ୍ଚଙ୍କ ହାତ ଥିବା ଅଭିଯୋଗ କରି ସରପଞ୍ଚ ସୁନେମି ଗମାଙ୍ଗଙ୍କୁ ଘେରିଛନ୍ତି। ଡାକ୍ତରଙ୍କ ବଦଳି ବାତିଲ ଦାବି କରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ଅପରପକ୍ଷେ ଡାକ୍ତର ବଦଳି ହେବାନେଇ କୌଣସି ଅଭିଯୋଗ ଆସି ନ ଥିବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡା କହିଛନ୍ତି।

# ରାସ୍ତା ମରାମତି କଲେ ଗ୍ରାମବାସୀ

ଦାରିଙ୍ଗବାଡି,୭।୧୧ (ଅରୁଣ ସାହୁ)



ନିଜ ଗାଁ ପାଇଁ ନିଜେ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ। ଗୁରୁବାର ଗ୍ରାମର ଶତାଧିକ ମହିଳା ପୁରୁଷ ଏକାଠି ହୋଇ ଶ୍ରମଦାନ କରି ଗ୍ରାମରାସ୍ତା ମରାମତି କରିଛନ୍ତି। ଏପରି ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତର ଡକରବାଡି ଗ୍ରାମରେ। ସିମନବାଡି ପଞ୍ଚାୟତଠାରୁ ୩ କି.ମି. ଦୂରରେ ଥିବା ଡକରବାଡି ଗ୍ରାମକୁ ସବୁଦିନିଆ ଭଲ ରାସ୍ତାଟିଏ ନାହିଁ। ଯେଉଁ ରାସ୍ତା ଅଛି ତାହା ଖାଲଖମାରେ ଭରିହୋଇ ରହିଛି। ପକ୍କା ରାସ୍ତା ନ ଥିବାରୁ ଗ୍ରାମକୁ ଜରୁରୀ ସମୟରେ ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡି ଯାଇପାରେନି। ବର୍ଷା ଦିନ ଆସିଲେ ବହୁ ସମସ୍ୟା ଭୋଗିଥାନ୍ତି ଅଞ୍ଚଳବାସୀ। ଅନ୍ୟ ରାସ୍ତାରେ ୮ କି.ମି. ବୁଲି ଯାତାୟାତ କରିଥାଉ ବୋଲି ଗ୍ରାମ ମୁଖିଆ ରାମଦେଉ ପ୍ରଧାନ, ଦିଲୀପ ପ୍ରଧାନ, ଜଗଦିଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି। ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଶାସନ, ବିଧାୟକ ଓ ଏମ୍‌ପିଙ୍କୁ ଜଣାଇ କିଛି ସୁଫଳ ନ ମିଳିବାରୁ ଗ୍ରାମର ଏସ୍‌ଏଚଜି ଓ ଗାନ୍ଧୀ ସୁରକ୍ଷା କମିଟି ସହ ମିଶି ଗ୍ରାମବାସୀ ଗୁରୁବାର ଗାଁ ରାସ୍ତା ମରାମତି କରିଛନ୍ତି। ଏନେଇ ସିମନବାଡି ପିଇଓ ପ୍ରଭାତ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ରାସ୍ତା ପାଇଁ ୬ ଲକ୍ଷ ଟଙ୍କା ଅନୁଦାନ ରହିଛି। ଉକ୍ତ ଅର୍ଥରେ ରାସ୍ତାରେ ମେଟାଲ ବିଛାଯିବାକୁ ଯୋଜନା ଅଛି। ତେବେ ମେଟାଲ ବିଛାଇ କାମ କଲେ ରାସ୍ତା ବର୍ଷାରେ ନଷ୍ଟ ହୋଇଯିବ। ଏହାକୁ ପିଚୁ କରାଯିବା ଦରକାର। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ଉକ୍ତ ରାସ୍ତା ପଞ୍ଚାୟତ ଅଧୀନରେ ରହିଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଉକ୍ତ କାର୍ଯ୍ୟ ହୋଇପାରିବନି। ଏନେଇ ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ପଚାରିବାରୁ ସେ କହିଲେ, ସେ ଏବେ ଏବିଷୟରେ ଶୁଣିଲେ। ଖୁବ ଶୀଘ୍ର ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ପଦକ୍ଷେପ ନେବେ।

# ବଞ୍ଚିବାର ମାଧ୍ୟମ ମୁଣ୍ଡପୋତା ବୃତ୍ତି

ସୋରଡ଼ା,୭।୧୧ (ରଜନୀ ମହାପାତ୍ର)


ସୁଶାନ୍ତ ପ୍ରଧାନ

ପେଟକୁ ଦିନକୁ ଦୁଇ ମୁଠା ଆହାର ଯୋଗାଇବାକୁ ବହୁ ଲୋକ ବିଭିନ୍ନ ପନ୍ଥା ଧରିଥାନ୍ତି। ଏପରି କିଛି ଲୋକ ଅଛନ୍ତି ନିଜ ଜୀବନକୁ ବାଜି ଲଗାଇ ପରିବାର ଚଳାଇଥାନ୍ତି। ଏମାନଙ୍କ ଏକ ସ୍ୱତନ୍ତ୍ର ପରିଚୟ ହେଉଛି ମୁଣ୍ଡପୋତା। ଏମାନେ ବିଭିନ୍ନ ମନ୍ଦିର, ଯାତ୍ରା ଓ ଗ୍ରାମ ବୁଲି ନିଜ ମୁଣ୍ଡକୁ ମାଟି ଭିତରେ ପୋତିଥାନ୍ତି ଏବଂ ଏହା ଦେଖି ଲୋକେ ଯାହା କିଛି ଦେଇଥାନ୍ତି ସେଥିରେ ସେମାନଙ୍କ ପରିବାର ଚଳେ। ସେପରି ଜଣେ ବ୍ୟକ୍ତି ହେଉଛନ୍ତି ସୁଶାନ୍ତ ପ୍ରଧାନ। ସେ ସୋରଡା ପ୍ରଭୁ ପଞ୍ଚାନନ ସ୍ୱାମୀଙ୍କ ମନ୍ଦିର ନିକଟରେ ରାସ୍ତାରେ ମୁଣ୍ଡପୋତି ଭିକ୍ଷା କରନ୍ତି। ନୟାଗଡ ଜିଲାରେ ରହୁଥିବା ସୁଶାନ୍ତ ଗ୍ରାମ ଛାଡି ଦୂର ଦୂରାନ୍ତ ବୁଲି ମନ୍ଦିର ସମ୍ମୁଖରେ ଏପରି ଢଙ୍ଗରେ ଭିକ୍ଷାବୃତ୍ତି କରିଥାନ୍ତି। କେବେ ସେ କେନ୍ଦେରା ବଜାଇ ଭଗବାନଙ୍କ ଗୀତ ଗାନ କରି ଭିକ୍ଷାବୃତ୍ତି କରିଥାନ୍ତି ତ କେବେ ବେହେଲା ବଜାଇ ପୁଣି କେତେବେଳେ ମୁଣ୍ଡକୁ ମାଟି ଭିତରେ ପୋତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ଭିକ୍ଷାବୃତ୍ତି କରିଥାନ୍ତି। ମନ୍ଦିର ପିଣ୍ଡା କିମ୍ବା ଗଛ ମୂଳେ ରାତି ବିତାଇଥାନ୍ତି। ଗ୍ରାମରେ ତାଙ୍କର ଝିଅ ଓ ଦୁଇ ପୁଅ ରହୁଛନ୍ତି। ସେମାନେ ମଧ୍ୟ ଭିକ୍ଷା କିମ୍ବା କୁଲି କାମ କରିଥାନ୍ତି। ରାଶନ କାର୍ଡରେ ସେ ଚାଉଳ ପାଉଛନ୍ତି। ମାତ୍ର ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ ସୁଶାନ୍ତଙ୍କର। ସେ କୁହନ୍ତି, ତାଙ୍କ ବାପା, ଜେଜେବାପା ଅମଳର ଏହି ବୃତ୍ତିକୁ ଆପଣେଇଛନ୍ତି। ଏହା ବିପଦପୂର୍ଣ୍ଣ ହେଲେ ବି ଆଉ କିଛି ରୋଜଗାରର ମାଧ୍ୟମ ନାହିଁ ବୋଲି ସୁଶାନ୍ତ କହିଛନ୍ତି।

### ■ବିପଜ୍ଜନକ ହେଲେ ମଧ ବିକଳ୍ପ ନାହିଁ

# ୪ ଦିନ ହେଲା ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ଛାତ୍ରୀଛାତ୍ର

ଫୁଲବାଣୀ,୭।୧୧ (ରାକେଶ କୁମାର ରାଉତ):

ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ସାଇନିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜିକୁ ୧୫ ଦିନ ହେବ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ନାହିଁ। ଫଳରେ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ବେହେରା ଅଙ୍ଗନୱାଡି କେନ୍ଦ୍ରରୁ ୩୦ କିଲୋ ଚାଉଳ ଧାର ଆଣି ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦେଇଛନ୍ତି। ତଥାପି ଚାଉଳ ନିଅଣ୍ଟ ହେବାରୁ ୪ ଦିନ ହେବ ଛାତ୍ରୀ ଛାତ୍ର ମାନେ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ଅଛନ୍ତି । ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ୪ ଦିନ ହେବ ଚାଉଳ ନ ଥିବାରୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉନାହିଁ। ଛାତ୍ରୀଛାତ୍ରମାନେ ଖାଇବାକୁ ଘରକୁ ଯାଉଛନ୍ତି। ତେଣୁ ସରକାରଙ୍କ ମଧ୍ୟାହ୍ନ ଭୋଜନ ଯୋଜନାକୁ ନେଇ ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ସିଆରସିସି ରବୀନ୍ଦ୍ର ଦିଗାଲଙ୍କୁ ପଚାରିବାରୁ ସେ ଏ ଉପରେ ଅବଗତ ଥିବା ସ୍ୱୀକାର କରିଛନ୍ତି । ଏହି ସମସ୍ୟା ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଥିବା କହିଛନ୍ତି । ବିଇଓ ରଞ୍ଜନ କହଁର ଏ ସମ୍ବନ୍ଧରେ ଅବଗତ ନ ଥିବା ପ୍ରକାଶ କରିଛନ୍ତି।

# ଆସିକା ବିଜ୍ଞାନ କଲେଜରେ ହେବ ଛାତ୍ରାବାସ
## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ କର୍ତ୍ତୃପକ୍ଷ




ଆସିକା,୭।୧୧ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ଓ ଛାତ୍ରଙ୍କ ଲାଗି ପୃଥକ ଛାତ୍ରାବାସ ନିର୍ମାଣ ହେବ । ଏଥିସହ ମହାବିଦ୍ୟାଳୟ ଖେଳପଡିଆର ପାଚେରି ମଧ୍ୟ ନିର୍ମାଣ କରାଯିବ । ଏହି ସମସ୍ତ କାର୍ଯ୍ୟ ଲାଗି ପୂର୍ତ୍ତ ବିଭାଗ ପକ୍ଷରୁ ବୁଧବାର ବ୍ୟୟ ଅଟକଳ କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିମନ୍ତେ ୩୨୯.୫୧୦ ଲକ୍ଷ ଟଙ୍କା ଏବଂ ୫୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଲାଗି ୩୫୬.୨୨୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ଖେଳ ପଡିଆ ପାଚେରି ନିର୍ମାଣ ଲାଗି ୬୭.୧୦ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ଗୁରୁବାର କଲେଜ କର୍ତ୍ତୃପକ୍ଷ ଏହି ବ୍ୟୟ ଅଟକଳକୁ ଉଚ୍ଚ ଶିକ୍ଷା ବିଭାଗର ମଞ୍ଜୁର ପାଇଁ ପଠାଇଛନ୍ତି। ତେବେ ଏହି ସମସ୍ତ କାର୍ଯ୍ୟ ଆସିକା ବିଧାୟକ ସରୋଜ ପାଢୀଙ୍କ ପ୍ରୟାସରେ ହୋଇପାରିଥିବାରୁ ତାଙ୍କୁ କଲେଜ କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି। କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ, ଅଧ୍ୟାପକ ଅଭୟ କେଶରୀ ପରିଛା ପଟ୍ଟନାୟକ ଓ ଅଧ୍ୟାପକ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ଗୁରୁବାର ବିଧାୟକ ପାଢୀଙ୍କୁ ତାଙ୍କ ବାସଭବନରେ ଭେଟି କୃତଜ୍ଞତା ଜଣାଇଥିବା ଜଣାପଡିଛି।


बैंक ऑफ़ बड़ौदा Bank of Baroda

ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ୧ମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

**ଚୁକ୍ତି ଭିତ୍ତିରେ ବ୍ୟବସାୟିକ ପ୍ରତିନିଧି ସଂଯୋଜକ ନିଯୁକ୍ତି**

ଭାରତର ଅନ୍ୟତମ ବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଓଡ଼ିଶାର **ଖୋର୍ଦ୍ଧା, ପୁରୀ, ନୟାଗଡ଼ ଏବଂ ଗଞ୍ଜାମ** ଆଦି ଜିଲ୍ଲା ନିମନ୍ତେ ବ୍ୟବସାୟିକ ପ୍ରତିନିଧି ସଂଯୋଜକ ପଦର ନିଯୁକ୍ତି ପାଇଁ ଚୁକ୍ତି ଭିତ୍ତିରେ ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ଅଫଲାଇନ୍ ଦରଖାସ୍ତ ଆହ୍ୱାନ କରୁଅଛି ।

- ମୁଖ୍ୟ ପ୍ରବନ୍ଧକ ପାହ୍ୟା ପର୍ଯ୍ୟନ୍ତ ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପୂର୍ବତନ କର୍ମଚାରୀ
- JAIIB ସମାପ୍ତ କରିଥିବା ବ୍ୟାଙ୍କ ଅଫ୍ ବରୋଦାର ଅବସରପ୍ରାପ୍ତ କିରାଣୀମାନେ
- କମ୍ପ୍ୟୁଟର ଜ୍ଞାନ (MS Office, Email, Interent ଇତ୍ୟାଦି)ରେ ଜ୍ଞାନ ଥିବା ଯେକୌଣସି ଗ୍ରାଜୁଏଟ୍, କିନ୍ତୁ M.Sc.(IT) / BE(IT) / MCA / MBA ଆଦି ଯୋଗ୍ୟତାଧାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

ପୂର୍ବତନ ବ୍ୟାଙ୍କ କର୍ମଚାରୀମାନଙ୍କ ବୟସ ନିଯୁକ୍ତି ସମୟରେ **୬୫ ବର୍ଷରୁ** ଉର୍ଦ୍ଧ୍ୱ ହୋଇନଥିବା ଆବଶ୍ୟକ। ଅନ୍ୟ ଆବେଦନକାରୀମାନଙ୍କ ପାଇଁ ବୟସ ସୀମା **୨୧-୪୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ। ଆବେଦନ କରୁଥିବା ସମସ୍ତ ପ୍ରାର୍ଥୀ ଓଡ଼ିଶା ନିବାସୀ ହୋଇଥିବା ଆବଶ୍ୟକ ଏବଂ ସ୍ଥାନୀୟ ଭାଷାରେ ପାରଦର୍ଶିତା ଥିବା ଆବଶ୍ୟକ।

**ବିଜ୍ଞାପନର ବିବରଣୀ ପାଇଁ ଦୟାକରି ଆମ ବ୍ୟାଙ୍କର ୱେବସାଇଟ୍ ଦେଖନ୍ତୁ:**
**https://www.bankofbaroda.in/career-detail.htm#tab-18**
**ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ: ୩୦.୧୧.୨୦୨୪**

ତାରିଖ: ୦୮.୧୧.୨୦୨୪
କ୍ଷେତ୍ର: ଭୁବନେଶ୍ୱର
ଉପ ମହାପ୍ରବନ୍ଧକ (ଆର୍‌ଏମ୍), ଭୁବନେଶ୍ୱର



**THE HIGH COURT OF ORISSA, CUTTACK**

**SHORT TENDER NOTICE**

**No. 17373** **Date: 07.11.2024**

The High Court of Orissa invites tender in sealed covers from interested bidders for running Cafeteria inside the premises of High Court of Orissa, Cuttack for the Staffs, Counsel and Litigants etc.

1. Last date for submission of Bid - 29.11.2024 before 4.00 P.M.
2. Opening of Technical Bids - 30.11.2024 at 11.30 A.M.
3. Opening of Financial Bids - 30.11.2024 at 3.00 P.M.

For detailed terms and conditions of the tender Notice No. 17371 on Dtd.07.11.2024 bidders may visit the High Court of Orissa website **https://www.orissahighcourt.nic.in/tender-notice/.**

**Sd./- Assistant Registrar (Admin.)**
**High Court of Orissa, Cuttack**



**ODISHA POWER GENERATION CORPORATION LIMITED**
**(A Government Company of the State of Odisha)**
**Regd. Office : Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, INDIA, www.opgc.co.in,**
**Ph.: +91-674-2303765/66, email : contracts.corp.epc3@opgc.co.in**

OPGC Power for Progress

**NOTICE INVITING TENDER**
**NIT NO. OPGC/STAGE-III/EPC, DATE: 8th NOVEMBER 2024**
**REQUEST FOR PROPOSAL (RFP) FOR**
**EPC PACKAGE OF 2x660MW, STAGE-III (U#5&6) AT IBTPS, OPGC**
(Through Domestic Competitive Bidding)
**Bidding Document No.: 3500004005**

OPGC invites on-line bids at Government e-procurement portal at website : https://tendersodisha.gov.in on single-stage two-envelope domestic competitive bidding basis for "EPC Package of 2x660MW, Stage-III (U#5&6) coal based thermal power plant at IB Thermal Power Station, Banharpali, Jharsuguda, Odisha".

The Invitation for Bids (IFB) providing the brief scope of work, qualification requirement and bidding schedule is available for download from the following websites : www.opgc.co.in and https://tendersodisha.gov.in. Interested parties may download the IFB from any of the aforesaid websites available from 12th November 2024. Bidders can collect the soft copy of the bidding documents from OPGC's registered office at: Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha - 751023, India, by providing requisite information and on payment of requisite tender fee (Non-refundable) of INR 5,90,000/- latest by 7th December 2024. For further information, please contact GM- Contracts at contracts.corp.epc3@opgc.co.in

-Sd-
**General Manager - Contracts**



ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪
ଇ-ମେଲ୍: directorateofculture@gmail.com

No. RR-33: ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ - ୨୦୨୪ (ଆସନ୍ତା ତା୦୬।୧୨।୨୦୨୪ରିଖରୁ ତା୧୭।୧୨।୨୦୨୪ରିଖ)ର ଆୟୋଜନ ନିମନ୍ତେ ଇଚ୍ଛୁକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଆବେଦନ କରିପାରିବେ।

ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ - ୨୦୨୪ର ସଫଳ ଆୟୋଜନ ନିମନ୍ତେ ଇଚ୍ଛୁକ ଥିବା ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥାମାନେ ବିଜ୍ଞାପନ ପ୍ରକାଶ ପାଇବାର ସାତ ଦିନ ମଧ୍ୟରେ ବିଭାଗର ୱେବ୍‌ସାଇଟ୍ **(https://culture.odisha.gov.in)**ରେ ସମ୍ପୂର୍ଣ୍ଣ ବିବରଣୀ ପରିଦର୍ଶନ କରି ଆବେଦନ କରିବେ।

ସ୍ୱା./- ଉପ-ନିର୍ଦ୍ଦେଶକ, ଓ.ଭା.ସା.ସଂ.
**OIPR-03029/11/0011/2425**



छत्तीसगढ़ शासन

**वन विभाग सामान्य वनमंडल, महासमुन्द (छत्तीसगढ़)**

**नीलाम का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है कि सामान्य वनमंडल महासमुन्द के पिथौरा काष्ठागार एवं बलोदाबाजार वनमंडल के विभिन्न डिपों में एकत्रित वनोपज/ईमारती काष्ठ का निवर्तन घोष विक्रय द्वारा दिनांक 14.11.2024 को किया गया जावेंगा। इच्छुक बोलीदारों से अनुरोध है कि वे नीलाम में भाग लेवें। नीलाम शर्तों एवं अन्य जानकारी कार्यालयीन दिवस व समय पर वनमंडल कार्यालय से प्राप्त की जा सकती है। प्रस्तावित मात्रा में कमी या अधिकता हो सकती है। बोली लगाने के पूर्व कृपया वनोपज का निरीक्षण करने के बाद ही बोली लगावें।

*नीलाम स्थल का नाम - पिथौरा*
*नीलाम दिनांक - 14.11.2024*
*नीलाम समय - 9.00 बजे प्रातः से*

**नीलाम दिनांक 14.11.2024 को रखे जाने वाले वनोपज का अनुमानित मात्रा काष्ठागार पिथौरा**

| क्र. | प्रजाति | नया वनोपज | | | अन्सोल्ड (पुराना) वनोपज | | | कुल वनोपज | | |
|---|---|---|---|---|---|---|---|---|---|---|
| | | घ.मी. | बल्ली | डेंगरी | घ.मी. | बल्ली | डेंगरी | घ.मी. | बल्ली | डेंगरी |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | सागोन | 785.027 | 3096 | 3804 | 906.824 | 4344 | 52405 | 1691.851 | 7440 | 56209 |
| 2 | साल | 36.818 | 0 | 0 | 8.710 | 63 | 0 | 45.528 | 63 | 0 |
| 3 | शीशम | 4.783 | 0 | 0 | 0.053 | 0 | 0 | 4.836 | 0 | 0 |
| 4 | तिन्सा | 0.000 | 0 | 0 | 0.806 | 0 | 0 | 0.806 | 0 | 0 |
| 5 | बीजा | 31.685 | 0 | 0 | 4.571 | 0 | 0 | 36.256 | 0 | 0 |
| 6 | साजा | 26.152 | 339 | 0 | 1.386 | 0 | 0 | 27.538 | 339 | 0 |
| 7 | हल्दु मुड़ी | 66.935 | 20 | 0 | 18.714 | 0 | 0 | 85.649 | 20 | 0 |
| 8 | घावड़ा | 8.765 | 0 | 0 | 0.621 | 0 | 0 | 9.386 | 0 | 0 |
| 9 | सलिहा मोदे | 23.059 | 0 | 0 | 0.000 | 0 | 0 | 23.059 | 0 | 0 |
| 10 | पापड़ा | 0.000 | 0 | 0 | 3.109 | 0 | 0 | 3.109 | 0 | 0 |
| 11 | अन्य | 135.741 | 1640 | 0 | 43.643 | 0 | 0 | 179.384 | 1640 | 0 |
| **योग:** | | **1118.965** | **5095** | **3804** | **988.437** | **4407** | **52405** | **2107.402** | **9502** | **56209** |

**वन परिक्षेत्र बागबाहरा, डिपो बागबाहरा - 2249 नग व्यापारिक बांस**

**बलौदाबाजार वनमण्डल अंतर्गत निस्तार/उपमोक्ता/अस्थाई पड़ाव डिपो मे संग्रहित बांस की मात्रा**

| | |
|---|---|
| बरपाली डिपो - 4649 नग पुराना व्यापारिक बांस | निस्तार डिपो महराजी - 330 नग पुराना व्यापारिक बांस |
| थरगांव डिपो - 1040 नग पुराना व्यापारिक बांस | अस्थाई पड़ाव नवागांव - 421.716 नो.ट. पुराना औद्योगिक बांस |

टीपः
1. किसी भी व्यक्ति को नीलाम में किसी लाद के लिये बोली लगाने की अनुमति तब तक नहीं दी जावेगी जब तक कि उसने शर्तों का पालन करने के प्रतीक स्वरूप विक्रय सूचना पर हस्ताक्षर न कर दिये हों।
2. प्रत्येक क्रेता को नीलाम में बोली लगाने पूर्व प्रत्येक लाट् के संबंध में जिस सीमा तक वह बोली लगाना चाहता है उसके 10 प्रतिशत के बराबर राशि या 1000/- इसमें जो भी अधिक हो जमा करना अनिवार्य है।
3. नियमानुसार समस्त क्रेताओं को नीलाम में विक्रय मूल्य के विरूद्ध 25 प्रतिशत ई.एम.डी. की राशि जमा करना अनिवार्य है। यदि किसी क्रेता द्वारा किसी कारणवश विक्रवमूल्य की 10 प्रतिशत राशि ई.एम.डी. के रूप में जमा की जाती है तो उसे 07 दिवस के भीतर शेष 15 प्रतिशत राशि जमा करने हेतु आवेदन पत्र प्रस्तुत कर वनमंडलाधिकारी, स्वीकृति प्राप्त किया जाना अनिवार्य है। आवेदन पत्र प्रस्तुत नही करने पर जमा 10 प्रतिशत ई.एम.डी. की राशि शासन के पक्ष में राजसात कर लाट् निरस्त कर दी जावेगी, जिसकी सम्पूर्ण जिम्मेदारी संबंधित क्रेता की होगी।
4. ई.एम.डी. हेतु महासंमुद में स्थित समस्त बैंको के मल्टीसिटी चैक स्वीकार किया जावेगा।
5. विर्निमाता/उपभोक्ता/व्यापारी लायसेंस 2024 का एवं आयकर पेन नं./सेलटैक्स टीन नम्बर/आधार कार्ड की छयाप्रति अनिवार्य रूप से जमा करने पर ही कार्य आदेश जारी किया जावेगा।
6. नीलाम में क्रय किये गये लाटों का विक्रय मूल्य सहित विवरण ई.एम.डी. जमा पर्ची के पीछे अनिवार्य रूप से दर्ज करना होगा।

दूरभाष क्रमांक: 07723-222084 (कार्यालय)

**स्वा./- वनमण्डलाधिकारी**
**सामान्य वनमरडल महासमुंद (छ.ग.)**

**G-242503639/3**

## ଜାତୀୟସ୍ତରରେ ଆର୍ମି ପବ୍ଲିକ୍ ସ୍କୁଲ ପୁରସ୍କୃତ

ଗୋପାଳପୁର,(ନବୀନ ରାଜ ଆଚାରୀ)-ଗୋପାଳପୁର ଆର୍ମି ପବ୍ଲିକ୍ ସ୍କୁଲ ଜାତୀୟ ସ୍ତରୀୟ ପୁରସ୍କାର ପାଇଛି। ସମଗ୍ର ଦେଶରେ ୧୪୧ ଆର୍ମି ପବ୍ଲିକ୍ ସ୍କୁଲ୍ ଦଶମ ଶ୍ରେଣୀ ସିବିଏସ୍ଇ ବୋର୍ଡ ପରୀକ୍ଷା ୨୦୨୪ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଗୋପାଳପୁରର ଏହି ସ୍କୁଲକୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି। ଏହି ଶିକ୍ଷାକେନ୍ଦ୍ର କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରି ଆସିଛି। ବୁଧବାର ନୂଆଦିଲ୍ଲୀରେ ଆୟୋଜିତ ସମାରୋହରେ କମାଣ୍ଡିଂ ଜେନେରାଲ ଅଫିସର ଲେଫ୍ଟନାଣ୍ଟ ଜେନେରାଲ ଭବନିଶ କୁମାର, ଆର୍ମି ପବ୍ଲିକ ସ୍କୁଲ ଅଧକ୍ଷ ପ୍ରଦୀପ କୁମାର ପୁରସ୍କୃତ କରିଛନ୍ତି।

# ମୁଖ୍ୟ ଡାକଘର ୩୦ ଘଣ୍ଟା ଅଚଳ

## କାରବାର ଠପ, ଶତାଧିକ ଗ୍ରାହକ ଫେରିଗଲେ

ବ୍ରହ୍ମପୁର,୭।୧୧(ଅଶୋକ କୁମାର ସାହୁ)

ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁରର କେନ୍ଦ୍ରସ୍ଥଳରେ ଥିବା ମୁଖ୍ୟ ଡାକଘର ୩୦ ଘଣ୍ଟା ଅଚଳ ହେବା ପରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ସଚଳ ହୋଇଛି। ବୁଧବାର ଦିନତମାମ ନେଣଦେଣ ଠପ ହୋଇଯାଇଥିଲା। ଗୁରୁବାର ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଅନୁରୂପ ସମସ୍ୟା ଦେଖାଗଲା। ନେଟୱର୍କ ସମସ୍ୟାରୁ ଏପରି ହୋଇଥିବା କୁହାଯାଉ ଥିବାବେଳେ ଏତେ ସମୟ ସେବା ବ୍ୟାହତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି, ମୁଖ୍ୟ ଡାକଘର ଅଧୀନରେ ସହରର ୨୫ ଡାକଘର କାମ କରୁଛି। ମୁଖ୍ୟ ଡାକଘରେ ଟଙ୍କା ଦେଣନେଣ ପାଇଁ ୨ଟି କାଉଣ୍ଟର ଓ ଚିଠି ରେଜିଷ୍ଟ୍ରେଶନ ପାଇଁ ୨ଟି କାଉଣ୍ଟର ରହିଛି। ଆଉ ଗୋଟିଏରେ ଷ୍ଟାମ୍ପ ବିକ୍ରି ହେଉଛି। ଦୈନିକ ବହୁ ଗ୍ରାହକ ଆସୁଛନ୍ତି। ୧୦ରୁ ୧୫ ଲକ୍ଷ ଟଙ୍କା କାରବାର ହେଉଛି। ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ହେଉଥିବାରୁ ନେଟୱର୍କ ନିହାତି ଦରକାର। ସେଥିପାଇଁ ବିଏସଏନଏଲ ଜରିଆରେ ଡାକଘରକୁ ନେଟୱାର୍କ ଅଣାଯାଇଛି। ବୁଧବାର ସକାଳ ୭ଟାରେ ନେଟୱର୍କରେ ସମସ୍ୟା ଆରମ୍ଭ ହୋଇଥିଲା। ଦୀର୍ଘ ସମୟ ଅପେକ୍ଷା ପରେ କାର୍ଯ୍ୟାଳୟ ପକ୍ଷରୁ ନେଟୱର୍କ ଏରର ବୋଲି ଏକ ବୋର୍ଡରେ ଲେଖି କାଉଣ୍ଟର ପାଖରେ ରଖାଯାଇଥିଲା। କେବଳ ଷ୍ଟାମ୍ପ ବିକ୍ରିକୁ ଛାଡିଦେଲେ ବାକି ସବୁ ସେବା ବନ୍ଦ ଥିଲା। ସାଧାରଣ ସେବାରେ



ରେଜିଷ୍ଟ୍ରେଶନ କାଉଣ୍ଟରରେ ଭିଡ ଲାଗିଥିବାବେଳେ ନିକଟରେ ନେଟୱର୍କ ଏରର ବୋର୍ଡ ରଖାଯାଇଛି।

ନିୟୋଜିତ ଥିବା ଏଭଳି ସମ୍ବେଦନଶୀଳ ବିଭାଗରେ ବୈଷୟିକ ତ୍ରୁଟି, ତାହା ବି ଦୀର୍ଘ ସମୟ ଧରି ରହିବା ସମସ୍ତଙ୍କୁ ଚକିତ କରିଥିଲା। ଡାକ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ବିଏସଏନଏଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଥିଲା। ବିଏସଏନଏଲ କର୍ମଚାରୀମାନେ ଆସି ଦିନତମାମ ଉଦ୍ୟମ କରିଥିଲେ ବି ସମସ୍ୟା ସମାଧାନ ହୋଇ ନଥିଲା। ଗୁରୁବାର ଅପରାହ୍ନ ୨.୨୦ରେ ନେଟୱର୍କ ଆସିଥିଲା।

ମୁଖ୍ୟ ଡାକ କାର୍ଯ୍ୟାଳୟକୁ ଆସିଥିବା ରଣ୍ଡା ଗ୍ରାମର ଦଣ୍ଡପାଣି ପାଣିଗ୍ରାହୀ କହିଥିଲେ ଯେ, ନେଟୱର୍କ ସମସ୍ୟା ଯୋଗୁ ଚିଠି ରେଜିଷ୍ଟ୍ରେଶନ ହୋଇପାରୁନି ଫେରିବାକୁ ବାଧ୍ୟ ହେଉଛି। ସେହିପରି ରାମଚନ୍ଦ୍ରପୁରରୁ ଆସିଥିବା ଉମେଶ ଚନ୍ଦ୍ର ସାହୁ ମନି ଅର୍ଡର କରିବାକୁ ଆସିଥିବା ବେଳେ ନେଟୱର୍କ ସମସ୍ୟା ଯୋଗୁ କାଉଣ୍ଟର ବନ୍ଦ ଥିବା ଦେଖି ଫେରିଥିଲେ। ଏଭଳି ଅନେକ ଗ୍ରାହକ ନିଜ ଅସନ୍ତୋଷ ଝାଡି ଫେରିଥିଲେ। ସେହିପରି ପାସପୋର୍ଟ ସେବାରେ ବି ବ୍ୟାଘାତ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବିଏସଏନଏଲ ନେଟୱର୍କ ଜରିଆରେ ସର୍ଭିସ ପ୍ରୋଭାଇଡ କରାଯାଉଛି। ବୈଷୟିକ ତ୍ରୁଟି ପ୍ରାୟତଃ ଦେଖାଯାଏ। କିନ୍ତୁ ତତକ୍ଷଣାତ ସମାଧାନ ହୋଇଯାଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା ପରେ ସମାଧାନ ନ ହେବାରୁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ବିଏସଏନଏଲ ଅଫିସର ଟେକ୍ନିସିଆନମାନେ କାମ କରୁଛନ୍ତି। ଶୀଘ୍ର ଏହାର ସମାଧାନ ହୋଇଯିବ। ସହରର କେତେକ ଡାକଘରେ ଏଭଳି ସମସ୍ୟା ଦେଖାଦେବା ଅବଗତ ଅଛୁ। କାରଣ ନମ୍ବର ଅଲଗା ଥିବାରୁ କେଉଁ କେଉଁ ନମ୍ବରରେ ବୈଷୟିକ ତ୍ରୁଟି ରହୁଛି, ସେ ସମ୍ପର୍କରେ ବି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବିଏସଏନଏଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ବୋଲି ପଣ୍ଡା କହିଥିଲେ। ତେବେ ଅପରାହ୍ନରେ କାଉଣ୍ଟର ଗହଳିଥିଲା। ଜଣେ କର୍ମଚାରୀ କହିଛନ୍ତି ଯେ, ନେଟୱର୍କ ଆସିଥିଲେ ମଧ୍ୟ ସ୍ପିଡ ଚାଲୁନାହିଁ। ଖୁବଶୀଘ୍ର ଠିକ ହେବା ଆଶା ଅଛି ବୋଲି ଉତ୍ତର ମିଳିଥିଲା। ତେବେ ପ୍ରାୟ ୩୦ ଘଣ୍ଟା ମୁଖ୍ୟ ଡାକଘର ଅଚଳ ହୋଇଯାଇଥିବାରୁ ବିକଳ୍ପ ବ୍ୟବସ୍ଥା କରିବାର ଥିଲା ବୋଲି କେତେଜଣ ଗ୍ରାହକ କହିଥିଲେ।

## ବାଣିଜ୍ୟ ବିଭାଗରେ ୨ ଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ବ୍ରହ୍ମପୁର,୭।୧୧(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ନବାଗତ ବିଦ୍ୟାର୍ଥୀଙ୍କ ନିମନ୍ତେ ଦୁଇ ଦିନିଆ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ଓ ପରୀକ୍ଷା ଶୈଳୀ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଯିବା ସହ ବିଭାଗର ଐତିହ୍ୟ, ପରମ୍ପରା, ପୁରାତନ ଛାତ୍ରୀଛାତ୍ରଙ୍କ କୃତିତ୍ୱ, ବିଶ୍ୱବିଦ୍ୟାଳୟର ନିୟମ ଓ ସୁବିଧା ଉପରେ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା। ଛାତ୍ର ଜୀବନରେ ଆଧ୍ୟାତ୍ମିକତା, ସମାୟାନୁବର୍ତ୍ତିତା, ପାଠାଗାରର ସଦୁପଯୋଗ, ମାନସିକ ଚାପର ନିୟନ୍ତ୍ରଣ, ଦକ୍ଷତା ଓ ଛାତ୍ର ଜୀବନର ଲକ୍ଷ୍ୟ ନିରୂପଣ ଆଦି ବିଷୟ ଉପରେ ଚର୍ଚ୍ଚା ହୋଇଥିଲା। ବିଭାଗର ପୂର୍ବତନ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ଅଙ୍କୁଶପୁର ଇସ୍କନର ନିର୍ଦ୍ଦେଶକ ହରି ପ୍ରସାଦ ଦାସ, ଟାଟା ଷ୍ଟିଲ ପ୍ରବନ୍ଧକ ଅଶୋକ କୁମାର ରଥ, ବିଶ୍ୱବିଦ୍ୟାଳୟର ସହକାରୀ ଗ୍ରନ୍ଥାଗାରିକ ଅଭିମନ୍ୟୁ ପ୍ରଧାନ ଆଦି ଅତିଥି ରୂପେ ଯୋଗ ଦେଇଥିଲେ । ବାଣିଜ୍ୟ ବିଭାଗର ସଂଯୋଜକ ଶକ୍ତି ରଂଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ବିଭାଗର ସହକାରୀ ଅଧ୍ୟାପକ ଡ.ମହେଶ୍ୱର ସେଠି, ଡ. ଚନ୍ଦ୍ରିକା ପ୍ରସାଦ ଦାସ, ଡ. ଜୀନତା ପଟ୍ଟନାୟକ, ନିତ୍ୟରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଯାପନୀ ସଭାରେ ନବାଗତ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକ୍ରମ ଉପରେ ମତାମତ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ପ୍ରେରଣାରେ ଆୟୋଜନ କରାଯାଇଥିଲା ।

## ୟୁସିପି ଇଞ୍ଜିନିୟରିଂ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୭।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ୟୁସିପି ଇଞ୍ଜିନିୟରିଂ କଲେଜରେ ଡିପ୍ଲୋମା ପ୍ରଥମବର୍ଷରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତ ଛାତ୍ରୀ ଜଣଙ୍କ ହେଲେ କବିସୂର୍ଯ୍ୟନଗରର ସଂଯୁକ୍ତା ଦାଶଙ୍କ ଝିଅ ଶ୍ୱେତାପଦ୍ମା ଦାଶ(୧୯)। ଝିଅର ପୁରୁଷବନ୍ଧୁ ବ୍ଲାକମେଲ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ମା’ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ନଂ.୫୨୪/୨୪ରେ ଏକ ମାମଲା ରୁଜୁ କରିଛି। ଏଭଳି ଗୁରୁତର ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୋଲିସ ତଦନ୍ତର ଦିଗ ବଦଳାଇଛି। କେଉଁ ପରିସ୍ଥିତିରେ ଶ୍ୱେତାପଦ୍ମାଙ୍କ ମୃତ୍ୟୁ ହେଲା ଏବଂ ସଂପୃକ୍ତ ଯୁବକ ଜଣଙ୍କ ତାଙ୍କ ସହ କେବେଠାରୁ ସମ୍ପର୍କରେ ରହିଥିଲେ। ତାଙ୍କ ମୃତ୍ୟୁ ପଛରେ ଯୁବକଙ୍କ କ’ଣ ଭୂମିକା ରହିଛି ସେନେଇ ଖୋଳତାଡ ଜାରି ରଖିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ୟୁସିପି ଇଞ୍ଜିନିୟରିଂ ସ୍କୁଲର ଡିପ୍ଲୋମା ପ୍ରଥମ ବର୍ଷରେ ପଢୁଥିବା ଶ୍ୱେତାପଦ୍ମା ନିଜର ଅନ୍ୟ ୩ ଜଣ ସହପାଠୀଙ୍କ ସହ ଭଡା ଘରେ ରହୁଥିଲେ। ବୁଧବାର ସନ୍ଧ୍ୟା ୬ଟାରେ ସେ ବାଥରୁମକୁ ଯାଇ ବାନ୍ତିକରି ଅଚେତ ହୋଇପଡିଥିଲେ। ରୁମରେ ଥିବା ୩ ସହପାଠୀ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସହପାଠୀଙ୍କ ଠାରୁ ଘଟଣା ବିଷୟରେ ଜାଣିବା ପରେ ପରିବାର ଲୋକେ ଏମକେସିଜିରେ ପହଞ୍ଚିଥିଲେ। ଶ୍ୱେତାପଦ୍ମା କୌଣସି ବିଷାକ୍ତ ପଦାର୍ଥ ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ପରିବାର ଲୋକେ ଅଭିଯୋଗ ଜଣେ ଅଣଛାତ୍ର ଅନେକ ସମୟରେ ୟୁସିପି କଲେଜ ଏବଂ ଭଡାଘର ନିକଟକୁ ଆସି ଶ୍ୱେତପଦ୍ମାଙ୍କୁ ବ୍ଲାକମେଲ କରୁଥିଲେ। ବିଭିନ୍ନ ସମୟରେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ବୁଧବାର ତାଙ୍କ ମୋବାଇଲ ଛଡାଇ ନେଇଯାଉଥିଲେ । ତେଣୁ ମୃତ୍ୟୁ ପଛରେ ତାଙ୍କର ହାତ ରହିଥିବା ସନ୍ଦେହ ହେଉବାରୁ ସେ ଦିଗରେ ଆବଶ୍ୟକ ତଦନ୍ତ କରିବାକୁ ତାଙ୍କ ମା’ ଅଭିଯୋଗ କରିଛନ୍ତି।

## ସିପିଆଇ ପାଳିଲା ଅକ୍ଟୋବର ବିପ୍ଳବ ଦିବସ

ବ୍ରହ୍ମପୁର,୭।୧୧(ନରସିଂହ ସାହୁ)

ଗଞ୍ଜାମ ଜିଲା ସିପିଆଇ ପକ୍ଷରୁ ଅକ୍ଟୋବର ବିପ୍ଳବର ୧୦୮ତମ ବାର୍ଷିକୀ ଗୁରୁବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ପାର୍କ ସାହିସ୍ଥ ପାର୍ଟିର କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରମେଶ ପାଢ଼ୀ ଲାଲ ପତାକା ଉତ୍ତୋଳନ କରିଥିଲେ। ଲେନିନଙ୍କ ନେତୃତ୍ୱରେ ସଂଗଠିତ ସମାଜବାଦୀ ବିପ୍ଳବ ସମ୍ପର୍କରେ ସେ ଆଲୋକପାତ ସହ ଅନଗ୍ରସର ରୁଷିଆରେ ସର୍ବପ୍ରଥମେ ଶ୍ରମିକ ଶ୍ରେଣୀର ରାଷ୍ଟ୍ର ପ୍ରତିଷ୍ଠା ହୋଇଥିବା ସମ୍ପର୍କରେ କର୍ମୀମାନଙ୍କୁ ସଚେତନ କରାଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ କାମଦେବ ନାହାକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶ୍ରମିକ ନେତା ପ୍ରବୀଣ କୁମାର ଦାସ ଯୋଗଦେଇ ଉଦବୋଧନ ଦେଇଥିଲେ।

## ମୋବାଇଲ ଲୁଟେରାଙ୍କ ଠାରୁ ଗଞ୍ଜେଇ ଜବତ, କେରଳର ୨ ଯୁବକ ସମେତ ୩ ଗିରଫ

ବ୍ରହ୍ମପୁର,୭।୧୧( ସୁବାସ ଚନ୍ଦ୍ର ପାଢ଼ୀ)

ରେଳ ଯାତ୍ରୀ ତଥା ରାସ୍ତାରେ ଯାଉଥିବା ଲୋକଙ୍କ ଠାରୁ ମୋବାଇଲ ଲୁଟ କରୁଥିବା କେରଳର ୨ ଯୁବକ ସମେତ ମୋଟ ୩ ଜଣଙ୍କୁ ଗୋଷାଣୀନୂଆଗାଁ ଥାନା ପୋଲିସ ବାନ୍ଧିଛି। ସେମାନଙ୍କ ନିକଟରୁ ୨ କେଜି ୨୦୦ ଗ୍ରାମ ଗଞ୍ଜେଇ, ୩ ମୋବାଇଲ ଓ ଗୋଟିଏ କାତି ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ଫାଷ୍ଟଗେଟ ବର୍ମା କଲୋନୀର ହରିଶ୍ଚନ୍ଦ୍ର ବେହେରା, କେରଳ ରାଜ୍ୟ ପଠାନମଥିଟା ଜିଲା ପୁଠୁପରମ୍ବର ସରଥ ଶଶି ଓ କେରଳ ଆଲାପୁଝା ଜିଲା କଲାଠିଥରର ଅର୍ଜ୍ଜୁନ କେଜ। ନଂ. ୩୧୪/୨୪ ମାମଲାରେ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁର ରେଳଷ୍ଟେସନର ୪ ନଂ. ପ୍ଲାଟଫର୍ମ ଯିବା ରାସ୍ତାରେ ଲୋକଙ୍କ ଠାରୁ ମୋବାଇଲ ଫୋନ ଲୁଟ ହେଉଥିବା ପୋଲିସକୁ ଖବର ମିଳିଥିଲା । ପୋଲିସର ଏକ ଟିମ ସେଠାରେ ଅତର୍କିତ ଚଢ଼ାଉ କରି କେରଳର ୨ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଅଭିଯୁକ୍ତ ହରିଶ୍ଚନ୍ଦ୍ର ଫେରାର ହୋଇଯାଉଥିବା ବେଳେ ପୋଲିସ ତାଙ୍କୁ ଗୋଡ଼ାଇ କାବୁ କରିଥିଲା । ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୩ଟି ଜରି ବ୍ୟାଗ ଜବତ କରିଥିଲା। ସେହି ଜରି ବ୍ୟାଗ ଭିତରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ . ସୂଚନା ଦେଇଛନ୍ତି ।



ଗୁରୁବାର ଜାତୀୟ କର୍କଟ ସଚେତନତା ଦିବସ ଅବସରରେ ମୁଖ କର୍କଟ ରୋଗୀ ତଥା ସମାଜସେବୀ ଡ଼ଃ ଦେବାନନ୍ଦ ଦାଶ ମହାନଗର ପୁସ୍ତକ ମେଳାରେ କର୍କଟ ମୁକ୍ତ ଭାରତ ପାଇଁ ସଚେତନତା କରୁଛନ୍ତି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ

ବ୍ରହ୍ମପୁର,୭।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଭିଭି ଗିରି ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବାଳିକା ବିଦ୍ୟାଳୟରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମଗ୍ର ଶିକ୍ଷାର ସଭାପତି ତଥା ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ଏନଜିଓ ମନୁ ସେନାର ଲିନା ଦ୍ୟାନ ସାମନ୍ତରାୟ, ସ୍କୁଲ ପରିଚାଳନା କମିଟିର ସଭାପତି ତଥା କର୍ପୋରେଟର ମମତା ପାତ୍ର ଓ ଆଇନଜୀବୀ କିରନମୟୀ ରଥ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଦୁଇଟି ବର୍ଗର ଛାତ୍ରଛାତ୍ରୀଙ୍କୁ ନେଇ ରଚନା, ବିତର୍କ, ସ୍ଲୋଗାନ ରାଇଟିଂ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ବର୍ଗରେ ୬ଷ୍ଠ ଠାରୁ ୮ମ ଛାତ୍ରୀଛାତ୍ର ରହିଥିବା ବେଳେ ସିନିୟର ବର୍ଗରେ ୯ମ ଓ ୧୦ମ ଶ୍ରେଣୀର ବିଦ୍ୟାର୍ଥୀ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ନିଷ୍ପତ୍ତି


ୱାର୍ଡ ସଭ୍ୟାସଭ୍ୟ ବିଡ଼ିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଦିଗପହଣ୍ଡି/ପାଟପୁର,୭।୧୧
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ସରପଞ୍ଚ ଡି. ରାକେଶ ପାତ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ୧୧ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ ସଭ୍ୟାସଭ୍ୟ ବ୍ରହ୍ମପୁର ଉପଜିଲାପାଳ, ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଗୁରୁବାର ୱାର୍ଡ ସଭ୍ୟ ଭଗବତ ସାହୁଙ୍କ ନେତୃତ୍ୱରେ ୱାର୍ଡସଭ୍ୟାସଭ୍ୟମାନେ ବ୍ରହ୍ମପୁର ଉପ ଜିଲାପାଳଙ୍କୁ ୮ଜଣଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ସରପଞ୍ଚ ପାତ୍ର ପଞ୍ଚାୟତର ମାସିକ ବୈଠକରେ ଅନୁପସ୍ଥିତ ରହିବା, ୱାର୍ଡ ସଭ୍ୟାସଭ୍ୟଙ୍କୁ ଅଣଦେଖା କରି ସବୁ କାର୍ଯ୍ୟ କରିବା, ବିଭିନ୍ନ ସାହିରେ ଆଲୋକ ବ୍ୟବସ୍ଥା ନେଇ ରହିଥିବା ଅର୍ଥ ହଡପ କରିବା, ଭତ୍ତା ପାଉ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅବହେଳା କରିବା, ନିଜ ସମ୍ପର୍କୀୟଙ୍କୁ ଭତ୍ତାରେ ସାମିଲ କରିବା, ପଲ୍ଲିସଭା ଓ ଗ୍ରାମସଭା ନ କରିବା ସହ ଅନ୍ୟାନ୍ୟ ଅଭିଯୋଗ ସମ୍ପର୍କରେ ପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚ ପାତ୍ରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ୱାର୍ଡ ସଭ୍ୟାସଭ୍ୟମାନେ ଅକ୍ଟୋବର ୧୬ରେ ଭଗବତ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ରେ ଏକାଠି ହୋଇଥିଲେ। ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ନିଷ୍ପତ୍ତି ନେଇ ଏନେଇ ଏକ ପତ୍ର ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର ମିଶ୍ରଙ୍କୁ ଦେଇଛନ୍ତି। ସରପଞ୍ଚ ପାତ୍ରଙ୍କୁ ପଚାରିବାରୁ ତାଙ୍କ ନାଁରେ ଅଣାଯାଇଥିବା ସବୁ ଅଭିଯୋଗ ଭିତ୍ତିହୀନ, ମିଥ୍ୟା। ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।

## ନାକ୍ ଟିମର ମହାମାୟୀ ମହିଳା କଲେଜ ଗସ୍ତ ସରିଲା

ବ୍ରହ୍ମପୁର,୭।୧୧(ସ୍ୱାଧୀନ ଶେଖର ପାଢ଼ୀ )

ମହାମାୟୀ ମହିଳା କଲେଜକୁ ନାକ ଟିମର ୩ଜଣିଆ ପ୍ରତିନିଧି ଦଳର ଦୁଇଦିନିଆ ପରିଦର୍ଶନ ଗୁରୁବାର ସରିଛି। ଶେଷ ଦିନରେ ଏକ୍ସିଟ ବୈଠକ କଲେଜ ପରିସରରେ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ନାକ ଟିମ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ ବିଭାଗର ପ୍ରଫେସର ଡ଼. ଗୁରୁଚରଣ ସିଂଙ୍କ ନେତୃତ୍ୱରେ ମହାରାଷ୍ଟ୍ର ବାରାଣାସୀ ସ୍ଥିତ ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ ହିନ୍ଦୀ ଓ ଅନ୍ୟ ଭାରତ ଭାଷା ବିଭାଗର ପ୍ରଫେସର ଡ଼. ନିରଞ୍ଜନ ସହାୟ ଓ ମେଘାଳୟ ସିଲଙ୍ଗ ସ୍ଥିତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଚନ୍ଦନ ଭଟ୍ଟାଚାର୍ଯ୍ୟ ଉକ୍ତ ଟିମରେ ରହିଛନ୍ତି। ଟିମର ସଦସ୍ୟମାନେ ମହାବିଦ୍ୟାଳୟର ବିଭିନ୍ନ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ମହାବିଦ୍ୟାଳୟରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ବିଭିନ୍ନ ଦିଗକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିଥିଲେ। ପରିଦର୍ଶନ ବେଳେ ମହାବିଦ୍ୟାଳୟ ପାରିପାର୍ଶ୍ୱିକ ସ୍ଥିତି, ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ତଥା ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ନିରୀକ୍ଷଣ କରିଥିଲେ। ସ୍ୟାରେ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ନାକ ଟିମ ସଦସ୍ୟମାନେ ଯୋଗ ଦେଇଥିଲେ। ଶେଷ ଦିନରେ ଟିମକୁ କଲେଜ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଦର୍ଶନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ସମତେ ସମସ୍ତ ଅଧାପିକାଅଧାପକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦାବିପୂରଣ ନ ହେଲେ ଆନ୍ଦୋଳନ: ଆଉଟ୍‌ସୋର୍ସିଂ ପୌର କର୍ମଚାରୀ ସଂଘ

ପୋଲସରା,୭।୧୧(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଓଡ଼ିଶା ଆଉଟସୋର୍ସିଂ ପୌର କର୍ମଚାରୀ ସଂଘ ଶାଖା ପକ୍ଷରୁ ଗୁରୁବାର ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ହେବ ୟୁଏଲ୍‌ବିରେ ସଫେଇ କାମରେ ନିୟୋଜିତ ରହିଥିଲେ ମଧ୍ୟ ସଫେଇ କର୍ମଚାରୀ ବିଭିନ୍ନ ସମସ୍ୟାରେ ରହିଛନ୍ତି। ଗରିମା ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ମାସିକ ୨୮ ଦିନ ବଦଳରେ ମାତ୍ର ୧୩ ଦିନ ଏଥିରେ ଅନ୍ତର୍ଭୁକ୍ତ କରାଯାଉଛି। ୨୮ ଦିନ ଆମକୁ ଗରିମା ଯୋଜନାର ଅନ୍ତର୍ଭୁକ୍ତ କରି ଦରମା ଦେବା, ନିଶ୍ଚିତ ମଲ୍ଟି ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ଼ର ଟେଣ୍ଡର ଅବଧି ସରି ଆସୁଥିବାରୁ ତୁରନ୍ତ ନୂତନ ଟେଣ୍ଡର କରିବା, ମୃତ୍ୟୁବରଣ କରିଥିବା କର୍ମଚାରୀ ସ୍ୱର୍ଗତ ସଞ୍ଜୟ ନାୟକଙ୍କ ପରିବାର ପାଇଁ ପେନସନ୍ ବ୍ୟବସ୍ଥା ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ଦାବିପୂରଣ ନ ହେଲେ ବଡଧରଣର ଆନ୍ଦୋଳନ ହେବ ବୋଲି ସଫେଇ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ରର ନକଲ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ତଥା ପୋଲସରା ବିଧାୟକ, ଗଞ୍ଜାମ ଜିଲାପାଳ, ଡୁଡା ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ନିକଟକୁ ପଠାଯାଇଛି।

## ବ୍ୟାଡ଼୍‌ମିଣ୍ଟନ ଚାମ୍ପିୟାନଶିପ: ଗଞ୍ଜାମ ବାଳିକା, ବାଳକ ଦଳର ଜଗତସିଂହପୁର ଗସ୍ତ

ବ୍ରହ୍ମପୁର,୭।୧୧(ସ୍ୱାଧୀନ ଶେଖର ପାଢ଼ୀ)

୩୦ତମ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟାନସିପ ପାଇଁ ଗଞ୍ଜାମ ବାଳିକା ଓ ବାଳକ ଦଳ ଜଗତସିଂହ ପୁର ଗସ୍ତ କରିଛନ୍ତି । ଜଗତସିଂହପୁର ମୁଦୁପୁର ପଡିଆରେ ଆସନ୍ତା ୮ରୁ ଦୁଇଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉଭୟ ଦଳରେ ୧୦ ଜଣ ଲେଖାଏଁ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ପୁରୁଷ ଦଳ ପାଇଁ ଆଶିଷ କୁମାର ସାହୁ କୋଚ, ଏ ଶିବ ରାଓ ମ୍ୟାନେଜର ଅଛନ୍ତି। ସେହିପରି ବାଳିକା ଦଳରେ ସାରଦା ଗୌଡ଼ କୋଚ ଓ ଅର୍ପିତା ଜେନା ମ୍ୟାନେଜର ଅଛନ୍ତି। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ଜିଲା ସଭାପତି ବି ଭାଗିରଥି ରାଓ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବିଷୋୟୀ ଶୁଭେଚ୍ଛା ଜଣାଇଛନ୍ତି।

## ପୁସ୍ତକ ମେଳା ମଣିଷକୁ ଶୃଙ୍ଖଳିତ କରିଥାଏ



ମେଳାରେ ଅତିଥିଙ୍କ ଉଦବୋଧନ।

ବ୍ରହ୍ମପୁର,୭।୧୧(ସ୍ମୃତି ରଞ୍ଜନ ମହାଲିକ)

ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ ୧୧ ତମ ମହାନଗର ପୁସ୍ତକ ମେଳାରେ ଗୁରୁବାର ମେଳାର ବିଭିନ୍ନ ବିଭାଗ ସଂପର୍କରେ ଆଲୋଚନା ହୋଇଛି। ଗୁରୁବାର ସଭାରେ ଅତିଥି ରୂପେ ଶିକ୍ଷାବିତ ଏସ ଗିରିଧର ଯୋଗ ଦେଇଥିଲେ। ପୁସ୍ତକ ମେଳା ହିଁ ମଣିଷକୁ ଶୃଙ୍ଖଳିତ କରିଥାଏ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ରୂପେ ଦୀପ୍ତିମତା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ଅଭିନେତା ଗିରିଜା ଶଙ୍କର ଦାଶଙ୍କୁ ପୁସ୍ତକ ମେଳା ନାଟ୍ୟ ସଂସ୍କୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ପ୍ରଫୁଲ୍ଲ ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଅନୀଲ କୁମାର ପାତ୍ର , ସୁନୀଲ କୁମାର ପ୍ରଧାନ, ନିହାର ରଞ୍ଜନ ଦାଶ, ସୁଧାଞ୍ଜଳି ମିଶ୍ର, ସୁଶାନ୍ତ ଦାଶ ଓ ସତ୍ୟମ ଆଚାରୀ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ନେଟ ବଲ ଚାମ୍ପିୟନଶିପ ଫାଇନାଲରେ ଗଞ୍ଜାମ

ବ୍ରହ୍ମପୁର,୭।୧୧(ସ୍ୱାଧୀନ ଶେଖର ପାଢ଼ୀ)

ରାଜ୍ୟସ୍ତରୀୟ ନେଟବଲ ଚାମ୍ପିଅନସିପରେ ଗଞ୍ଜାମ ଦଳ ୫-୧୨ରେ ନୟାଗଡ଼କୁ ହରାଇ ଫାଇନାଲରେ ପହଁଚିଛି। ଆଉ ଏକ ସେମିଫାଇନାଲରେ ଯେଉଁ ଦଳ ଜିତିବ ସେଇ ଦଳ ସହ ଗଞ୍ଜାମ ଫାଇନାଲ ଖେଳିବ। ଗତ ୬ରୁ ଦୁଇଦିନ ଧରି ପୋଲିସ ହାଇସ୍କୁଲ ପଡିଆ କଟକରେ ୧୭ବର୍ଷରୁ କମ ଚମ୍ପିୟାନସିପ ଚାଲିଛି। ଗଞ୍ଜାମ ଜିଲା ବିଦ୍ୟାଳୟ କ୍ରୀଡା ସଂଗଠନ ପକ୍ଷରୁ କେସି ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ନେଟ ବଲ ତାଲିମ ଶିବିରରେ ଦଳ ଅଭ୍ୟାସ କରୁଥିଲେ। ଜିଲାର ୧୭ ବର୍ଷରୁ କମ ବାଳକ ଓ ବାଳିକା ଏଥିରେ ଜିଲାର ପ୍ରାୟ ୭୬ ଖେଳାଳୀଙ୍କ ମଧ୍ୟରୁ ମନନୋନୀତ ବାଳକ ଓ ବାଳିକା ଦୁଇ ଟିମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୫ଜଣିଆ ପ୍ରଶିକ୍ଷକ ଟିମ ଖେଳାଳିଙ୍କୁ ତାଲିମ ଦେଉଥିଲେ ବୋଲି ଜିଲା କ୍ରୀଡା ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ ସୂଚନା ଦେଇଛନ୍ତି।

## ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଲେ ଗ୍ରାମବାସୀ

ଜଗନ୍ନାଥପ୍ରସାଦ,୭।୧୧
(ବିଭୁ ପ୍ରସାଦ ପଟ୍ଟନାୟକ)



ଜଗନ୍ନାଥପ୍ରସାଦ ବିଇଓଙ୍କ ଅଧୀନ ରାଉତି ପଞ୍ଚାୟତ ହରିଜନ ପଙ୍କାଲସାହି ପ୍ରାଥମିକ ବିଦ୍ୟାଳୟରେ ପାଠପଢାରେ ଅନିୟମିତତା ଅଭିଯୋଗ ଆଣି ଗ୍ରାମବାସୀ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା କୁମାରୀ ସାହୁ ବିଦ୍ୟାଳୟରେ ୨୦ ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି। ଛାତ୍ରୀଛାତ୍ରଙ୍କୁ ଉଚିତ୍ ଶିକ୍ଷା ନ ମିଳିବା, ବିଦ୍ୟାଳୟ ପରିବେଶ ଓ ପରିମଳ ସଫାସୁତୁରା ନ ଥିବା ନେଇ ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାୟକ ଓ ଅଭିଭାବକମାନେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିରୋଧ କରି ଆସୁଛନ୍ତି। ୬ ମାସ ତଳେ ସାହୁଙ୍କ ବିରୋଧରେ ସ୍କୁଲ ପରିଚାଳନା କମିଟି ବିଇଓ କଲ୍ୟାଣୀ ପାଢ଼ୀଙ୍କୁ ଜଣାଇଥିଲା। ସମସ୍ୟାର କୌଣସି ସମାଧାନ ନ ହେବାରୁ ପୁଣି ଗୁରୁବାର ବିଇଓ ପାଢୀଙ୍କ କାର୍ଯ୍ୟାଳୟକୁ ଗ୍ରାମବାସୀ ଯାଇଥିଲେ। ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ପରିଚାଳନା କମିଟି, ଅଭିଭାବକ ଏବଂ ମହିଳା, ସ୍କୁଲ ଛାତ୍ରୀଛାତ୍ର ବିଦ୍ୟାଳୟ ସମ୍ମୁଖ ଗେଟ୍‌ରେ ତାଲା ପକାଇ ବସିଥିଲେ। ଖବର ପାଇ ବିଇଓ ପାଢ଼ୀ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷୟତ୍ରୀଙ୍କ କାର୍ଯ୍ୟାଳୟରେ ସମସ୍ତ କାଗଜପତ୍ର ଯାଞ୍ଚ କରିବା ସହ ସାତଦିନ ଭିତରେ ଏହାର ସମାଧାନ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ପ୍ରବେଶ କରିଥିଲେ। ଏହି ସମୟରେ ଶୁକ୍ରବାରଠାରୁ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ନ ଆସିବା ପାଇଁ ଜିଦ ଧରିଥିଲେ। ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାୟକ, ସ୍ୱପ୍ନା ନାୟକ, ସବିତା ନାୟକ, ପୁଷ୍ପଲତା ନାୟକ, ଗୁରୁବାରି ନାୟକ, ମାଣିକ ନାୟକ, ଗୁବି ନାୟକ, ପୂରଙ୍ଗି ନାୟକ ଏବଂ ସମସ୍ତ ଅଭିଭାବକମାନେ ଉପସ୍ଥିତ ଥିଲେ।

## ସ୍କାଉଟ ପ୍ରତିଷ୍ଠା ଦିବସ ପାଳିତ

ବୁଗୁଡା,୭।୧୧(କାଳିଚରଣ ଦାଶ)

ଭାରତ ସ୍କାଉଟ ଓ ଗାଇଡ୍ ଆନୁକୂଲ୍ୟରେ ବୁଗୁଡା ଶ୍ରୀକର ଭଞ୍ଜ ଓପନ୍ ୟୁନିଟ୍ ଓ ଉତ୍କଳମଣି ସ୍କାଉଟ୍ ଗ୍ରୁପ୍‌ର ୭୫ତମ ପ୍ରତିଷ୍ଠା ଦିବସ ମିଳିତ ଭାବେ ଗୁରୁବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବୁଗୁଡ଼ା ମିଡ଼ିଆ କ୍ଲବ୍ ସଭାପତି ଅନିଲ ପଟ୍ଟନାୟକ ଯୋଗଦେଇ ଲର୍ଡ ବାଡେନ ପାୱାଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପରେ ସ୍କାଉଟ୍ ପତାକା ଉତ୍ତୋଳନ କରିଥିଲେ। ଆୟୋଜିତ ସାଇକେଲଶୋଭାଯାତ୍ରାକୁ ପଟ୍ଟନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇକେଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ପ୍ରସିଦ୍ଧ ଶୈବ ପୀଠ ବୁଦ୍ଧଖୋଲ ଯାଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ନିଉ ଏରା ପବ୍ଲିକ ସ୍କୁଲର ସ୍କାଉଟ ମାଷ୍ଟର ବୈଷ୍ଣବ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମ୍ରିତ୍ ସାଗର ପାତ୍ର, ଚନ୍ଦନ ସ୍ୱାଇଁ ସହଯୋଗ କରିଥିଲେ। ମଧୁସ୍ମିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

